# Akashvani, Sambalpur

## SAMBALPURI NEWS BULLETIN

### 4 March 2025- 6.47- 6.52 am.

****************************************

ଭିଜିଟର୍ସ ସମ୍ମିଳନୀ      ପିଆଇବି/ ଏକ୍ସ

ଉତ୍କର୍ଷତାର ସହେତେ ସମାଜିକ୍ ସମାବେଶ୍ ଆଉ ସମ୍ବେଦନ୍‌ଶୀଲ୍ ମନୋଭାବ୍ ଆମର ଶିକ୍ଷା ବ୍ୟବସ୍ଥାର୍ ଗୁଟେ ବାଧ୍ୟତାମୂଳକ୍ ପକ୍ଷ ହେବାର୍ ଜରୁରୀ ଆଏ ବଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ  କହିଛନ୍ । ଗଲାକାଏଲ୍ ରାଷ୍ଟ୍ରପତି ଭବନ୍‌ଠାନେ କେନ୍ଦ୍ର ଶିକ୍ଷା ବିଭାଗ୍ ତର୍‌ଫୁ ଆୟୋଜିତ୍ ଦୁଇଦିନିଆ ଭିଜିଟର୍ସ ସମ୍ମିଳନୀ-୨୦୨୪-୨୫କେ ଉଦ୍‌ଘାଟନ୍ କରି କରି ଦେଶର୍ ଶିକ୍ଷାବିତ୍‌ମାନଙ୍କୁ ରାଷ୍ଟ୍ରପତି ସମ୍ମାନୀତ୍ କରିଛନ୍ । ଇ ଅବ୍‌ସରେ ରାଷ୍ଟ୍ରପତି କହିଛନ୍,

(ଭଏସ୍ ଓଭର୍-ରାଷ୍ଟ୍ରପତି)

କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ୍ ଦେଇକରି ୨୦୪୭ ବିକଶିତ୍ ଭାରତ୍ ଲାଗି ଦେଶର ଶିକ୍ଷାନୁଷ୍ଠାନ୍‌ମାନେ ହିଁ ଆଲୋକବର୍ତ୍ତିକା ହେବେ ବଲି କହିଛନ୍ ।

ପବିତ୍ର କୁମ୍ଭମେଳା ବାଗିର୍ ଇ ସମ୍ମିଳନୀ ଭିଲ୍ ଗୁଟେ ସଙ୍ଗମ୍ ଆଏ, ଆଉ ଭବିଷ୍ୟତ୍ ଶିକ୍ଷା ବ୍ୟବସ୍ଥାର୍ ଲାଗି ଇଟା ଶିକ୍ଷାନୁଷ୍ଠାନ୍‌ମାନ୍‌କର କୁମ୍ଭ ଆଏ ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ ।

ମୁଖ୍ୟମନ୍ତ୍ରୀ- ଶ୍ୱେତପତ୍ର ଆର୍‌ଏନ୍‌ୟୁ/ କଟକ୍

ରାଏଜେ ମହିଳାମାନ୍‌କର୍ ବିରୁଧେ ହେଉଥିବା ଅପରାଧ୍ ଥିତିକେ ନେଇକରି ସର୍‌କାର୍ ଖୋବ୍ ଜଲ୍‌ଦି ଶ୍ୱେତପତ୍ର ପ୍ରକାଶ୍ କର୍‌ବେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ମହିଳା ବିରୋଧୀ ଅପରାଧ୍ କମିଛେ ଆଉ ଇ ଦିଗେ ସର୍‌କାର୍ ତୁର୍‌ତି ପଦକ୍ଷେପ୍ ନଉଛନ୍ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ଶକ୍ତି ବିଭାଗ୍ ସମୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ଲୋକ୍‌ସେବା ଭବନ୍ ନ ଶକ୍ତି ବିଭାଗ୍‌ର ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ର ସମୀକ୍ଷା କରିଛନ୍ । ଖରାଦିନେ ଦେଖାଦେଉଥିବା ବିଦ୍ୟୁତ୍ ବାବଦ୍ ଭିନ୍ ଭିନ୍ ସମସ୍ୟାର୍ ପ୍ରତିକାର୍ ଆର୍ ତାର୍ ଆଗ୍‌ତୁରା ବ୍ୟବସ୍ଥା

କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ବୈଠକ୍‌ଥି ପରାମର୍ଶ ଦେଇଛନ୍ । ପିଏମ୍ ସୂର୍ଯ୍ୟଘର ଯୋଜ୍‌ନାଥି ରାଏଜେ ଅଏତ୍‌କାନୁ ଅଏତ୍‌କା ଲୁକ୍‌କୁ ସାମିଲ୍ କରାଯିବାର୍ ଲାଗି ମୁଖ୍ୟମନ୍ତ୍ରୀ ବୈଠକ୍‌ଥି ଜୋର୍ ଦେଇଛନ୍ । ବୈଠକ୍‌ଥି ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଭିଲ୍ ଉପସ୍ଥିତ୍ ଥିଲେ ।

ପୋଷ୍ୟସନ୍ତାନ୍ ଯୋଜ୍‌ନା-ରାଜସ୍ୱ ମନ୍ତ୍ରୀ ଆର୍‌ଏନ୍‌ୟୁ/ କଟକ୍

ଝାର୍‌ସୁଗୁଡ଼ା ଜିଲ୍ଲାଥି ଖୋବ୍ ଜଲ୍‌ଦି ପୋଷ୍ୟସନ୍ତାନ ଯୋଜ୍‌ନା କାର୍ଯ୍ୟକାରୀ କରାଯିବା ବଲି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ଏପ୍ରିଲ୍ ୧ ତାରିଖ୍‌ନୁ ଜିଲ୍ଲାର୍ ଅନାଥ୍ ଛୁଆମାନ୍‌କୁ ମାହାଲିଆ ଶିକ୍ଷା ଦେବାର୍ ଲାଗି ପଦକ୍ଷେପ୍ ନିଆଯାଉଛେ ବଲି ସେ କହିଛନ୍ । ସିଏସ୍‌ଆର୍ ପାଣ୍ଠି ଥି ଇ କାର୍ଯ୍ୟକ୍ରମ୍ କରାଯିବା । ଇଥିର୍‌ଲାଗି ଜିଲ୍ଲାପାଲ୍‌ଙ୍କର୍ ନେତୃତ୍ୱଥି ଗୁଟେ କମିଟି ଭିଲ୍ ଗଠନ୍ କରାଯାଇଛେ । ଏମ୍‌ସିଏଲ୍ କର୍ତୃପକ୍ଷ, ମହିଳା ଆଉ ଶିଶୁ ବିକାଶ୍ ଅଧିକାରୀ ଆଉର୍ ଜିଲ୍ଲା ଶିକ୍ଷା ଅଧିକାରୀ କମିଟିର୍ ସଦସ୍ୟ ରହେବେ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ ସୂଚ୍‌ନା ଦେଇଛନ୍ ।

ପଂଚାୟତିରାଜ୍ ଦିବସ I&PR

ରାଏଜେ ଇ ବଛରନୁ ପଂଚାୟତିରାଜ୍ ଦିବସ୍ ମାର୍ଚ୍ଚ ୫ ତାରିଖ୍ ବଦ୍ଲା ଏପ୍ରିଲ୍ ୨୪ ତାରିଖ ଦିନ ପାଲନ୍ କରାହେବା ବଲି ରାଜ୍ୟ ସର୍କାର୍ ନିଷ୍ପତି ନେଇଛନ୍ । ଲୋକ୍ସେବା ଦିବସ୍କେ ଭିଲ୍ ଏପ୍ରିଲ୍ ୨୪ ତାରିଖ୍ ଦିନ ପାଲନ୍ କରାହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ବାବଦ୍ର ଗୁଟେ ପ୍ରସ୍ତାବ୍କେ ଅନୁମୋଦନ୍ କରିଛନ୍ । ପଂଚାୟତିରାଜ୍ ଦିବସ୍ ଜାତୀୟ ଆଉ ରାଜ୍ୟସ୍ତରଥି ଏକାସାଙ୍ଗେ ପାଲନ୍ କରାଯିବାର୍ ଲାଗି ରାଜ୍ୟ ସର୍କାର୍ ଇ ନିଷ୍ପତି ନେଇଛନ୍ । ସେନ୍ତା ମାର୍ଚ୍ଚ ୫ ତାରିଖ୍ ଦିନ ଓଡ଼ିଶାର୍ ବରପୁତ୍ର ବିଜୁ ପଟ୍ଟନାୟକଙ୍କର୍ ଜୟନ୍ତୀକେ ମହାସମାରୋହଥି ପାଲନ୍ କରାଯିବା । ହେଲେ ସେଦିନ ସର୍କାରୀ ଛୁଟି ନାଇଁ ହୁଏ ବଲି ସର୍କାର୍ ନିଷ୍ପତି ନେଇଛନ୍ ।

ବିଦ୍ୟାଲୟ ଆଉ ଗଣଶିକ୍ଷା ମନ୍ତ୍ରୀ ଆର୍ଏନ୍ୟୁ/ ସମ୍ବଲପୁର

୨୦୨୫-୨୬ ଶିକ୍ଷା ବଛର୍ ଲାଗି ସ୍କୁଲ୍ ମାନ୍କେ ନାଁଲେଖା ମୁଲ୍ ହେବା । ଏପ୍ରିଲ୍ ମାସେ ଛୁଆମାନ୍କର୍ ଖଡ଼ିଛୁଆଁ ଆର୍ ପ୍ରବେଶ୍ ଉତ୍ସବ୍ ପାଲନ୍ କରାଯିବା । ଇ ବାବ୍ଦେ ବିଦ୍ୟାଲୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚ୍ନା ଦେଇଛନ୍ । ସବୁ

ବଛର୍ ବାଗିର୍ ଇ ବଛର୍ ଭିଲ୍ ବିଦ୍ୟାଳୟ ପ୍ରବେଶ୍ ଉତ୍ସବ୍ ପାଲନ୍ କରାଯିବାର୍ ସହେତେ ବିଦ୍ୟାଳୟ ବାହାରେ ଥିବା ବୟସ ଉପଯୋଗୀ ସବୁ ଛୁଆକୁ ସ୍କୁଲ୍‌କେ ଅନାଯିବା । ଅଙ୍ଗନବାଡ଼ି କର୍ମୀମାନ୍‌କର୍ ସହାୟତାଥି ସ୍କୁଲ୍ କର୍ତୃପକ୍ଷ ୫ ବଛର୍‌ନୁ ଅଏତ୍‌କା ଛୁଆକର୍ ଗୁଟେ ତାଲିକା କରାଯିବା ।
ଇନ ଜନେଇ ଦିଆଯାଇପାରେ ଯେ, ଆଏବା ଶିକ୍ଷା ବଛର୍‌ନୁ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ଜାତୀୟ ଶିକ୍ଷାନୀତି - ୨୦୨୦ ଲାଗୁ କରାଯିବା ଆଉ ସବୁ ପ୍ରାଥମିକ ସ୍କୁଲ୍ ନ ଶିଶୁ ବାଟିକା ଖୁଲାଯିବା । ଇଥିର୍‌ଲାଗି ବିଭାଗ୍ ତର୍‌ଫୁ ପ୍ରସ୍ତୁତି ମୁଲ୍ ହେଇଛେ ।

## କ୍ରୀଡ଼ା, ଯୁବସେବା ବିଭାଗ୍ ସମୀକ୍ଷା ବୈଠକ୍ I&PR

ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ କ୍ରୀଡ଼ା ଆଉ ଯୁବସେବା ବିଭାଗ୍‌ର ଗୁଟେ ସମୀକ୍ଷା ବୈଠକ୍ ଗଲାକାଏଲ୍ ହେଇଯାଇଛେ । ବୈଠକ୍‌ଥି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଅଧ୍ୟକ୍ଷତା କରିକରି ଆଏବା ଦିନେ ବ୍ଲକ୍‌ସ୍ତର୍ ନ ତିଆର୍ ହେବାର୍‌କେ ଥିବାର୍ ଷ୍ଟାଡ଼ିୟମ୍‌ର ମାଷ୍ଟର୍ ପ୍ଲାନ୍ ସମୀକ୍ଷା କର୍‌ବାର୍ ସହେତେ

ତୃଣମୂଲ୍‌ସ୍ତର୍‌ଥି ଖେଲ୍‌ର କେନ୍ତା ବିକାଶ୍ କରାଯାଇପାର୍‌ବା ସେ ବାବ୍‌ଦେ ଆଲୋଚନା କରିଛନ୍ ।

ଆର୍ଥିକ୍ ସଚେତନତା କାର୍ଯ୍ୟକ୍ରମ୍          କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ସଂଚୟ ଆଉ ଆର୍ଥିକ୍ ସେବା ବିଭାଗ୍ ତର୍‌ଫୁ ଦୁଆରସନି ଗ୍ରାମ୍ ପଂଚାୟତ୍‌ଥି ଆର୍ଥିକ୍ ସଚେତନତା ଆର୍ ଆର୍ଥିକ୍ ଅନ୍ତର୍ଭୁକ୍ତିକରଣ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲା ପଂଚାୟତ୍ ଅଧିକାରୀ, ଉପଖଣ୍ଡ ଆର୍ଥିକ୍ ସେବା ଆଉ ସଂଚୟ ଅଧିକାରୀ ପ୍ରମୁଖ ଯୋଗ୍ ଦେଇକରି ଆର୍ଥିକ୍ ସଚେତନତା ଆଉ ଅନ୍ତର୍ଭୁକ୍ତିକରଣ୍ ଲାଗିଥିବା ଭିନ୍ ଭିନ୍ ଯୋଜ୍‌ନା ବାବ୍‌ଦେ ସୂଚ୍‌ନା ଦେଇଥିଲେ ।

ସମ୍ବଲ୍‌ପୁର୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ    ଆର୍‌ଏନ୍‌ୟୁ/ସମ୍ବଲପୁର

ସମ୍ବଲ୍‌ପୁର୍ ଭିଏସ୍‌ଏସ୍ ଷ୍ଟାଡ଼ିୟମ୍ ନ ୧୩ ନମ୍ବର୍ ସର୍ବଭାରତୀୟ ସମ୍ବଲ୍‌ପୁର୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ଥି ହାଇଦ୍ରାବାଦ୍ ଶ୍ରୀନିଧି ଡେକେନ୍ସ ଚମ୍ପିଆନ୍ ହେଇଛେ ।  ଗଲାକାଏଲ୍ ହାଇଦ୍ରାବାଦ୍ ଶ୍ରୀନିଧି ଡେକେନ୍ସ - ଓଡ଼ିଶା ଫୁଟ୍‌ବଲ୍ ଏସୋସିଏସନ୍ ଦଲ୍‌କେ

୧-ଶୂନ୍ ଗୋଲ୍‌ଥି ହରେଇକରି ଟାଇଟେଲ୍ ହାସଲ୍ କରିଛେ । ଉଦ୍‌ଯାପନୀ ସମାରୋହଥି ସର୍ବଭାରତୀୟ ଫୁଟ୍‌ବଲ୍ ସଂଘର୍ ସଭାପତି କଲ୍ୟାଣ୍ ଚୋବେ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ବିଜେତା ଦଲ୍‌କେ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମ୍‌ଥି ସମ୍ବଲ୍‌ପୁର୍ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ଆର୍ ଏସ୍.ପି. ମୁକେଶ୍ ଭାମୁ ପ୍ରମୁଖ ଉପସ୍ଥିତ୍ ଥିଲେ ।

ବୌଦ୍ଧ - ଡି.ଏସ୍.କପ୍ ଫୁଟ୍‌ବଲ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଷ୍ଟାଡ଼ିୟମ୍ ଠାନେ ୧୬ ନମ୍ବର୍ ସର୍ବଭାରତୀୟ ଡି.ଏସ୍.କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍ ଗଲାକାଏଲ୍ ଉଦ୍‌ଘାଟିତ୍ ହେଇଯାଇଛେ । ଜିଲ୍ଲା ଫୁଟ୍‌ବଲ୍ ଆସୋସିଏସନ୍ ତରଫୁ ହେଇଥିବା ଇ ଟୁର୍ଣ୍ଣାମେଂଟ୍ ଆଏବା ୯ ତାରିଖ୍‌ତକ୍ ଚାଲ୍‌ବା । ଗଲାକାଏଲ୍ ଉଦ୍‌ଘାଟନୀ ମେଚ୍‌ଥି ଏମ୍‌ଇଜି ସେଂଟର୍ ବେଙ୍ଗାଲୁରୁ ଦଲ୍ ୨-୧ ଗୋଲ୍‌ଥି କୋଲ୍‌କାତା ଫୁଟ୍‌ବଲ୍ ଏକାଡେମୀକେ ହରେଇଛେ । ଆଏଜ୍ ୟୁନାଇଟେଡ଼୍ ସ୍ପୋର୍ଟସ୍ କ୍ଲବ୍ ବର୍‌ଗଡ଼୍ ଆର୍ ବୌଦ୍ଧ ଜିଲ୍ଲା ଫୁଟ୍‌ବଲ୍ ଦଲ୍ ଭିତ୍‌ରେ ମେଚ୍ ହେବା ।